# ଶିକ୍ଷାର୍ଥୀଙ୍କ ସ୍ୱାଗତ ଉତ୍ସବ




କେନ୍ଦ୍ରାପଡ଼ା, ୨୨/୮(ଇମିସ): କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ ଓଡ଼ିଶା ମୁକ୍ତ ବିଶ୍ୱବିଦ୍ୟାଳୟ ଶିକ୍ଷାର୍ଥୀଙ୍କୁ ସ୍ୱାଗତ ପାଇଁ ଏକ ସଭା ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୁକ୍ତ ବିଶ୍ୱ ବିଦ୍ୟାଳୟର ସ୍ଥାନୀୟ ସଂଯୋଜକ ଡ. ପ୍ରଦୀପ କିଶୋର ଦାସ ଅଧ୍ୟକ୍ଷତା କରିଥିବା ବେଳେ ମହାବିଦ୍ୟାଳୟର ଅଧ୍ୟକ୍ଷ ରବୀନ୍ଦ୍ର ଦାଶ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଅଧ୍ୟାପକ ଡ. ଶ୍ରୀଧର ସାମଲ, ଅଧ୍ୟାପକ ରଂଜିତ କୁମାର ଦାସ, ଡ. ସେକ୍ ହବିବ ବକ୍ତବ୍ୟ ପ୍ରଦାନ କରିଥିଲେ। ଏଥିରେ ଅଧ୍ୟାପକ ଡ. ବୀରେନ୍ କୁମାର ରାଉତ, ଡ. ଗୌର ମୋହନ ଷଡ଼ଙ୍ଗୀ, ଅଶୋକ କୁମାର ଦାଶ, ଜ୍ୟୋତିର୍ମୟ ଦାଶ ପ୍ରମୁଖ ଯୋଗଦାନ କରିଥିଲେ । ଶିକ୍ଷାର୍ଥୀଙ୍କ ମଧ୍ୟରୁ କ୍ଷୀତିଶ କୁମାର ସିଂହ, ସ୍ନେହାଶିଷ ଶୁଭଦର୍ଶିନୀ ଜେନା, କୁମାର ଚନ୍ଦ୍ର ମଲ୍ଲିକ, କରୁଣାକର ପତି , ରମେଶ ଦାସ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ ।